### ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଚିଠି ଲେଖିଲେ ଆଇନଜୀବୀ

# ବେଆଇନ ବାଲି କାରବାରରେ ଖଣ୍ଡପଡ଼ା ଏସଡିପିଓ

ନୟାଗଡ଼,୬ ।୩(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସଡିପିଓ ନିଜ ପଦବୀର ଅପବ୍ୟବହାର କରି କୋଟି କୋଟି ଟଙ୍କାର ବାଲି ଦୁର୍ନୀତିରେ ସମ୍ପୃକ୍ତ ଥିବା ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଓ ଜିଲ୍ଲାପାଳଙ୍କୁ ଚିଠି ଲେଖି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସୁପ୍ରିମକୋର୍ଟ ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ। ଏଣା ସହ ସେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ, ଭିଜିଲାନ୍ସ ଓ ନୟାଗଡ଼ ଏସ୍ପିଙ୍କୁ ମଧ୍ୟ ଜଣାଇଛନ୍ତି। ବହୁ ପୂର୍ବରୁ ଏପରି ଗୁରୁତର ଅଭିଯୋଗ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ କରି ଆସୁଥିଲେ। ଖଣ୍ଡପଡ଼ା ଏସଡିପିଓଙ୍କ ପାଇଁ ପୁଲିସ ବିଭାଗ ଜିଲ୍ଲାରେ ବଦନାମ ହେଉଥିଲା। ମାତ୍ର ଏସଡିପିଓ ତାହାକୁ ଖାତିର କରୁ ନ ଥିଲେ। ଏବେ ଶାସକ ଦଳର ତୁଙ୍ଗ ନେତା ତଥା ସୁପ୍ରିମକୋର୍ଟ ଆଇନଜୀବୀଙ୍କ ଅଭିଯୋଗ ପରେ ପ୍ରଶାସନିକ ସ୍ତରରେ ଭୂକମ୍ପ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଏସଡିପିଓ ମଦନ ମୋହନ ପ୍ରଧାନ ଖଣ୍ଡପଡ଼ାରେ ଯୋଗଦାନ କରିବା ଦିନରୁ ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ବାଲିଗାଡ଼ି, ଟିପ୍ପର ଗାଡ଼ି ଧରି ସେମାନଙ୍କୁ ବିଭିନ୍ନ ଧମକ ଚମକ ଦେଇ ବିଭିନ୍ନ ଦଫାରେ ବାନ୍ଧିବାକୁ ଧମକ ଦେଇ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଇବା ପରେ ସ୍ଥାନୀୟ କିଛି କୁଳିନେତାଙ୍କ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆସୁଛନ୍ତି। ବର୍ତ୍ତମାନ ସବୁସୀମା ଟପି ସେ ବାଲିଘାଟ ବେପାରରେ ସାମିଲ ହୋଇ ପରିବେଶ ନଷ୍ଟ କରି ଚାଲିଛନ୍ତି। ଏପରିକି ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପାରିବାରିକ ସମ୍ପର୍କ ଥିବା କହି ଅଞ୍ଚଳରେ ଧନ୍ଦିଆ ଉଡ଼ାଉଥିବା ଆଇନଜୀବୀ ପ୍ରଧାନ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏପରି ବେଆଇନ ବାଲି ଚାଲାଣ ଯୋଗୁଁ ରାଜ୍ୟ ସରକାରର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ପରିବେଶ ନଷ୍ଟ ହେଉଛି। ବନ୍ୟା ସମୟରେ ନଦୀ ପଠା ଖାଇ ବନ୍ୟା ଭୟ ସୃଷ୍ଟି ହେଉଛି। ଖଣ୍ଡପଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ଦିନକୁ ଦିନ ବିଗିଡ଼ିବାରେ ଲାଗିଥିବା ବେଳେ ଏହି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବେପାର ଓ କଳାଟଙ୍କା ରୋଜଗାର କରିବାର ନିଶା ପୁଲିସ ବିଭାଗକୁ ବଦନାମ କରୁଛି। ଏହିସବୁ ଦୁର୍ନୀତି ଅଭିଯୋଗର ନିରପେକ୍ଷ ଭିଜିଲାନ୍ସ ତଦନ୍ତ କରାଯିବାକୁ ଆଇନଜୀବୀ ପ୍ରଧାନ ଦାବି କରିବା ସହ ତଦନ୍ତ ସମୟରେ ଏସଡିପିଓଙ୍କୁ ଏଠାରୁ ବଦଳି କରାଯିବା ଆବଶ୍ୟକତା ରହିଛି ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଏସ୍ଡିପିଓ ମଦନ ମୋହନ ପ୍ରଧାନଙ୍କ ମତାମତ ନେବାରେ ସେ ଏ ବିଷୟରେ ଜାଣି ନ ଥିବା କହିଛନ୍ତି।

### ସବୁ ସଭା ସମିତିରେ ଏସଡିପିଓ ଅତିଥି

ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଅଘୋଷିତ ନେତା ଭାବେ ଖଣ୍ଡପଡ଼ା ଏସଡିପିଓ ପରିଚିତ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବିଧାୟକଙ୍କ ଖାସ୍ ଭାବେ ଏସଡିପିଓ ଅଧିକାଂଶ ସଭା ସମିତିରେ ଅତିଥି ହେବାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି। ଏପରିକି ଏସଡିପିଓ ଖୁଆଡ଼େ ବିଧାୟକଙ୍କ ସଂଗଠନ କାର୍ଯ୍ୟକୁ ଭିତିରିଆ ବୁଝନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଜଣେ ପୁଲିସ ଅଧିକାରୀଙ୍କୁ ନେଇ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସର୍ବଦା ଚର୍ଚ୍ଚାରେ ରହି ଆସୁଥିବା ବେଳେ ଜିଲ୍ଲା ପୁଲିସ ଚୁପ୍ ବସିବା ସନ୍ଦେହଜନକ ସ୍ଥିତି ସୃଷ୍ଟି କରୁଛି।

## ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ନୟାଗଡ଼,୬ ।୩(ସମିସ): ନୟାଗଡ଼ ସହରସ୍ଥିତ ଗାଲାକ୍ସି ସ୍ୱାସ୍ଥ୍ୟବୀମା କମ୍ପାନୀ ପକ୍ଷରୁ ଶୁକ୍ରବାର ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ନୟାଗଡ଼ ସାମ୍ବାଦିକ ଭବନରେ ଆୟୋଜିତ ହୋଇଛି। ଆପୋଲୋ ହସ୍ପିଟାଲ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଭେଷଜ ବିଶେଷଜ୍ଞ ଡା. ପ୍ରେମାନନ୍ଦ ପଟ୍ଟନାୟକ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ପ୍ରଦାନ କରିଥିଲେ। ୭୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ଲରେନ୍ସ ଆଣ୍ଡ ମେୟୋ ଆଇ ହସ୍ପିଟାଲ ଚକ୍ଷୁ ବିଭାଗ ଦଳ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ଗାଲାକ୍ସି ସ୍ୱାସ୍ଥ୍ୟବୀମା କମ୍ପାନୀ ବ୍ୟବସାୟିକ ପରିଚାଳକ ବିଷ୍ଣୁପ୍ରସାଦ ମହାପାତ୍ର, ଏଜେନ୍ସି ସହଯୋଗୀ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ମୁଖ୍ୟ ମନୋରଞ୍ଜନ ଦାଶ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟବୀମା ନେଇ ଅନେକ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, ସନ୍ଦୀପ ଲେଙ୍କା, କ୍ଷୀରୋଦ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ଧୀରେନ୍ଦ୍ର ପଟ୍ଟନାୟକ, ବିଶ୍ୱଜିତ ନାୟକ, ପ୍ରଭାତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



## ବାଉରୀକାନ୍ତ ପାହାଡ଼ରେ ବେଆଇନ ବିସ୍ଫୋରଣ

**ଖଣି ବିଭାଗ ଓ ତହସିଲ ନିରବଦ୍ରଷ୍ଟା**



ନୟାଗଡ଼,୬ ।୩(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରେ ପଥର ମାଫିଆଙ୍କ ରାଜୁତିରେ ତ୍ରାହି ତ୍ରାହି ଡାକିଲେଣି ଜନତା। ସ୍ଥାନୀୟ ନେତାଙ୍କ ପ୍ରୋତ୍ସାହନରେ ମାଙ୍କଡ଼ା ଓ କଳାମୁଗୁନି ପଥର ମାଫିଆମାନେ ଜୋରଦାର ଲୁଟ୍ ଆରମ୍ଭ କରିଛନ୍ତି। ଡିନାମାଇଟ୍ ବିସ୍ଫୋରଣ କରି ପଥର ଭାଙ୍ଗିବା ଦ୍ୱାରା ଧନଜୀବନ ଅସୁରକ୍ଷିତ ହୋଇପଡ଼ିଛି। ରଣପୁର ତହସିଲ ଅଧୀନ ବିଭିନ୍ନ ସ୍ଥାନରୁ ଏବେ ପଥର ଲୁଟ୍ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ରଣପୁର ତହସିଲ ସିନ୍ଦୂରିଆ ମୌଜାରେ ଥିବା ବାଉରୀକାନ୍ତ ପାହାଡ଼ରେ ବେଆଇନ ବିସ୍ଫୋରଣ କରି ପଥର ଚାଲାଣ କରାଯାଉଥିବା ଅନେକ ପଞ୍ଚାୟତର ସରପଞ୍ଚ ଏବଂ ଉକ୍ତ ପାହାଡ଼ ଚାରିପାଖରେ ରହିଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରଣପୁର ବ୍ଲକ ମଝିଆଖଣ୍ଡ, ମହତପଲ୍ଲୀ, କାଣ୍ଡପଡ଼ା ଓ ବନ୍ଧମୁଣ୍ଡା ପଞ୍ଚାୟତର ସରପଞ୍ଚଙ୍କ ସମେତ ଶହ ଶହ ଜନସାଧାରଣ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେମାନଙ୍କ ଅଭିଯୋଗ ଅନୁସାରେ, ଉକ୍ତ ପାହାଡ଼ ଚତୁଃପାଶ୍ୱର୍ରେ ୬୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ପାହାଡ଼କୁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଲୋକେ ଜଗାରଖା କରିବା ସହ ଚାରାରୋପଣ ମଧ୍ୟ କରିଛନ୍ତି। ପାହାଡ଼ରୁ ବହି ଆସୁଥିବା ପ୍ରାକୃତିକ ପାଣିଧାର ଉପରେ ସ୍ଥାନୀୟ ଚାଷୀ ମଧ୍ୟ ନିର୍ଭର କରନ୍ତି। ମାତ୍ର ଏହାକୁ କିଛି ମାଫିଆ ବ୍ଲାଷ୍ଟିଂ କରି ପଥର ଚୋରି କରୁଥିବା ଅଭିଯୋଗ ହେଉଛି। ବ୍ଲାଷ୍ଟିଂ ଯୋଗୁଁ ବାଙ୍କନାଳିଆ ଓ ଗୋଡ଼ିପୋଖରୀ ଗ୍ରାମରେ ଅନେକ ଘର ଫାଟିଗଲାଣି। ପାହାଡ଼କୁ ଲାଗି ରହିଥିବା ସିନ୍ଦୂରିଆ, ନୂଆପଲ୍ଲୀ, ଓଡ଼ପଲ୍ଲୀ ଓ କାଣ୍ଡପଡ଼ା ମୌଜାର ଚାଷଜମି ମଧ୍ୟ କ୍ଷତିଗ୍ରସ୍ତ ହେଲାଣି। ମାତ୍ର ସ୍ଥାନୀୟ ତହସିଲ ପ୍ରଶାସନ, ଖଣି ବିଭାଗ ସବୁ ଜାଣି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ରଣପୁର ଅଞ୍ଚଳରେ ବେଆଇନ ବ୍ଲାଷ୍ଟିଂ ଦ୍ୱାରା ଅନେକ ପାହାଡ଼ ଧ୍ୱଂସ ହୋଇସାରିଲାଣି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ୨ ନାବାଳିକା ଉଦ୍ଧାର

ଓଡ଼ଗାଁ,୬ ।୩(ସମିସ): ଓଡ଼ଗାଁ ଥାନା ଏବଂ ବାହାଡ଼ାଖୋଲା ଫାଣ୍ଡି ଅଞ୍ଚଳରୁ ନିଖୋଜ ୨ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଛି। ଓଡ଼ଗାଁ ଥାନା ମାମଲା ନମ୍ବର ୫୨/୨୬ ଅନୁସାରେ ୨୦୨୬ ଫେବୃଆରୀ ୧୭ ତାରିଖ ୧୩ ବର୍ଷର ନାବାଳିକା ନିଖୋଜ ହେବା ନେଇ ୨୦ ତାରିଖ ଅଭିଯୋଗ ହୋଇଥିଲା। ଓଡ଼ଗାଁ ପୁଲିସ ଏହି ବାଳିକାକୁ ଶୁକ୍ରବାର ଉଦ୍ଧାର କରି ଡାକ୍ତରୀ ପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ୨୦୨୫ ଜାନୁଆରୀ ୩ରେ ବାହାଡ଼ାଖୋଲା ଫାଣ୍ଡି ଅଞ୍ଚଳରୁ ଜଣେ ୧୬ ବର୍ଷ ବୟସର ନାବାଳିକା ନିଖୋଜ ହୋଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ପ୍ରାୟ ୧ ବର୍ଷ ୨ ମାସ ପରେ ଓଡ଼ଗାଁ ପୁଲିସ ୨୦୨୬ ମାର୍ଚ୍ଚ ୬ ତାରିଖ ତାଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା ପରେ ପରିବାରକୁ ହସ୍ତାନ୍ତର କରିଛି।

## ବସନ୍ତପୁରରେ ତିନିଦୋଳ ଯାତ୍ରା ଆରମ୍ଭ

ଖଣ୍ଡପଡ଼ା,୬ ।୩(ସମିସ): ଖଣ୍ଡପଡ଼ା ବ୍ଲକ ନନ୍ଦୀମାଳୀପୁର ପଞ୍ଚାୟତ ବସନ୍ତପୁର ଗ୍ରାମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ତିନିଦୋଳ ଯାତ୍ରା। ଗୁରୁବାର ବିଳମ୍ବିତ ରାତିରେ ଗ୍ରାମବାସୀ ବିରାଟ ପଟୁଆରରେ ଧଳାନନ୍ଦ ଗ୍ରାମର ଗୋପେଶ୍ୱର ମହାଦେବ, ବସନ୍ତପୁର ଗ୍ରାମର ଚନ୍ଦ୍ରଶେଖରଙ୍କ ସହ ହନୁମାନ, ରଘୁନାଥ ଏବଂ ନିମପାଟଣା ଗ୍ରାମର ଆରାଧ୍ୟ ଠାକୁରଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରିବା ସହ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ଶନିବାର ଏହି ଯାତ୍ରା ଉଦଯାପିତ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତିରେ ପୌରାଣିକ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜକ ଗ୍ରାମବାସୀ ସୂଚନା ଦେଇଛନ୍ତି।

### ● ପକାଇଲା ଛେପ ଢୋକିଲା ସ୍ୱାସ୍ଥ୍ୟ ବିଭାଗ

## ଡା. ତାପସ ସେନାପତିଙ୍କୁ ସିଏଚ୍ସି ଅଧିକ୍ଷକ ଦାୟିତ୍ୱ

ନୟାଗଡ଼,୬ ।୩(ସମିସ): ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକାଇଥିବା ଛେପକୁ ପୁଣି ଢୋକିଛି। ଜନସାଧାରଣଙ୍କ ଆକ୍ରୋସ ଆଗରେ ମୁଣ୍ଡ ନୁଆଁଇଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତଥା ଭାରପ୍ରାପ୍ତ ଅଧିକ୍ଷକ ଡା. ତାପସ ସେନାପତିଙ୍କୁ ରାଜନୈତିକ ଆକ୍ରୋସ କାରଣରୁ ଦାୟିତ୍ୱରୁ ହଟାଇଯାଇଥିଲା। ଏ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଚାପା ଅସନ୍ତୋଷ ଗୁରୁବାର ୧୨ ଘଣ୍ଟିଆ ଶରଣକୁଳ ବନ୍ଦ ପାଳନରେ ପରିଣତ ହୋଇଥିଲା। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଓ ବଜାର ବନ୍ଦ କରି ଶରଣକୁଳବାସୀ ଜୋରଦାର ଆନ୍ଦୋଳନ କରିଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପୂର୍ବ ନିର୍ଦ୍ଦେଶକୁ ବାତିଲ କରିବା ସହ ଡା. ସେନାପତି ପୂର୍ବ ଭଳି ଅଧିକ୍ଷକ ଦାୟିତ୍ୱ ସମ୍ଭାଳିବେ ବୋଲି ଚିଠି କରିଛି। ଏ ନେଇ ଶରଣକୁଳ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

## ବୁଡ଼ିଯିବାକୁ ବସିଛି ଗାଁ ଗଣ୍ଡାରେ ପାଞ୍ଜିପଢ଼ା




ଭାପୁର,୬ ।୩(ସମିସ): ପଣା ସଂକ୍ରାନ୍ତିଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହେଉଥିବା ବେଳେ ଦୋଳ ପୂର୍ଣ୍ଣିମାଠାରୁ ନୂତନ ପଞ୍ଜିକା ଉନ୍ମୋଚିତ ହୋଇଥାଏ। କୋଟି ଓଡ଼ିଆର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ସମସ୍ତ ରୀତିନୀତି ଓଡ଼ିଆ ପଞ୍ଜିକା ଗଣନା ଅନୁସାରେ ହୋଇଥାଏ। ସେହିପରି ଓଡ଼ିଆ ଘରର ସମସ୍ତ ଶୁଭକାର୍ଯ୍ୟ ତଥା ବିବାହ, ବ୍ରତ ଏହି ପାଞ୍ଜି ଆଧାରରେ ହୋଇଥାଏ। ଦୋଳ ପୂର୍ଣ୍ଣିମାରେ ନୂତନ ପାଞ୍ଜି ବାହାରିବା ପରେ ପ୍ରଥମେ ଗାଁ କୋଠଘରେ ପାଞ୍ଜି ପଢ଼ା ହୋଇଥାଏ। ମାତ୍ର ଏହି ପରମ୍ପରା ଦିନକୁ ଦିନ ଲୋପ ପାଇବାକୁ ବସିଲାଣି। ଆଧୁନିକତାର ଛାପରେ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ବୁଡ଼ାଇ ଦେଉଛେ। ତଥାପି ଅନେକ ଗାଁରେ ଏବେ ବି ଏହି ପାଞ୍ଜି ପଢ଼ା ଓ ଶୁଣା ବିଧି ଚାଲୁ ରହିଛି। ହେଲେ ଏଥିପ୍ରତି ଆଗ ପରି ଆଉ ଆଗ୍ରହ ନାହିଁ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ରାଜବଂଶର ଦାୟାଦ ସାମନ୍ତ ଚନ୍ଦ୍ରଶେଖର ସିଂହ ସାମନ୍ତ ଯିଏ ସାରା ବିଶ୍ୱରେ ପଠାଣି ସାମନ୍ତ ରୂପେ ପରିଚିତ, ତାଙ୍କର ସୃଷ୍ଟି ହେଉଛି ପଠାଣି ସାମନ୍ତ ପଞ୍ଜିକା। ମାତ୍ର, ସେହି ପଠାଣି ସାମନ୍ତ ମାଟିରେ ମଧ୍ୟ ପାଞ୍ଜି ପଢ଼ା ଓ ଶୁଣା ପ୍ରତି ପୂର୍ବପରି ଆଗ୍ରହ ଦେଖିବାକୁ ମିଳୁନାହିଁ।

## ସାଇବର ଥାନା ଉଦ୍‌ଘାଟିତ

ନୟାଗଡ଼,୬ ।୩(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ଅଧୀନରେ ଶୁକ୍ରବାର ସାଇବର ଥାନା ଉଦଘାଟିତ ହୋଇଛି। ନୟାଗଡ଼ ଟାଉନଥାନା ନିକଟ ପୁରୁଣା ଏସଡିପିଓ କାର୍ଯ୍ୟାଳୟକୁ ସାଇବର ଥାନା ଭାବେ ରୂପାନ୍ତରିତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ସାଇବର ଥାନାକୁ ଲୋକାର୍ପଣ କରିଛନ୍ତି। ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହା ବେଶ୍ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ, ଅତିରିକ୍ତ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



### ● ହଜାରେରୁ ଅଧିକ ବ୍ୟାଙ୍କ ଖାତା ଯାଞ୍ଚ

## ସାଇବର ଠକେଇ ଅଭିଯୋଗରେ ୩ ଗିରଫ

ଓଡ଼ଗାଁ,୬ ।୩(ସମିସ): ଓଡ଼ଗାଁ ଓ ଶରଣକୁଳ ଥାନା ଅଞ୍ଚଳରେ ସାଇବର ଅପରାଧୀଙ୍କ କାର୍ଯ୍ୟକଳାପ ବଢୁଥିବା ବେଳେ ସେମାନଙ୍କୁ ସାବାଡ଼ କରିବା ପାଇଁ ନୟାଗଡ଼ ସାଇବର ଥାନା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସାଇବର ଅପରାଧୀ ଓ ସେମାନଙ୍କ ମୁଖ୍ୟଙ୍କୁ ଚିହ୍ନଟ କରିବାକୁ ପୁଲିସ ଜୋରଦାର ତଦନ୍ତ ଚାଲାଇଛି। ଜିଲ୍ଲାରେ ପ୍ରାୟ ହଜାରେରୁ ଅଧିକ ବ୍ୟାଙ୍କ ଜମା ଖାତା ଯାଞ୍ଚ କରାଯାଇଛି। ଏହି ତଦନ୍ତ ସମୟରେ ପୁଲିସ ୩ ସାଇବର ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶରଣକୁଳ ଥାନା ବଧିସାହି ଗ୍ରାମର ସୁନୀଲ କୁମାର ସାହୁ (୨୩), ବଡ଼ପୁଟର ଚରଣ ନାୟକ (୩୫) ଓ ଓଡ଼ଗାଁ ଥାନା ଘଷାଦେଇପୁରର ଶ୍ରୀଧର ନାୟକ (୪୪)।

ଏମାନେ ଗାଁର ସାଧାରଣ ଲୋକଙ୍କ ଅଜ୍ଞତାର ଫାଇଦା ଉଠାଇ ବିଭିନ୍ନ ଲୋଭ ଦେଖାଇ ଠକେଇ କରୁଥିଲେ। କେତେକ ସମୟରେ ଟଙ୍କା ଦେବା, ଜବ କାର୍ଡ କରିଦେବା ଆଦି ନାମରେ ଲୋକଙ୍କଠାରୁ ଆଧାର କାର୍ଡ, ଭୋଟର କାର୍ଡ, ଫଟୋ ଓ ଅନ୍ୟ ଦଲିଲପତ୍ର ସଂଗ୍ରହ କରି ସେମାନଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଜମା ଖାତା ଖୋଲୁଥିଲେ। ପରେ ସେହି ଖାତାର ଏଟିଏମ୍ କାର୍ଡ ନିଜ ପାଖରେ ରଖି ସାଇବର ଠକେଇରେ ବ୍ୟବହାର କରୁଥିଲେ। ଏଭଳି ଠକେଇ ମାଧ୍ୟମରେ ଅର୍ଥ ଉପାର୍ଜନ କରି ଏମାନେ ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲେ। ସୂଚନାଯୋଗ୍ୟ, ଓଡ଼ଗାଁ ଏନ୍ଏସି ବଜାରରେ କେତେକ ଦୋକାନୀଙ୍କ ସହ ଫୋନପେ' ମାଧ୍ୟମରେ ଟଙ୍କା ଠକେଇ ଘଟଣା ଘଟିଥିଲା। ଏହି ଘଟଣାରେ ୬୨୦୦, ୧୨୪୦୦, ୧୮୬୦୦ ଓ ୨୪୮୦୦ ଟଙ୍କା ଏଭଳି ମୋଟ ୬୦ ହଜାରରୁ ଅଧିକ ଟଙ୍କା ବ୍ୟାଙ୍କ ଖାତାରେ ଜବତ ହୋଇଥିବା ସୂଚନା ମିଳିଛି।

## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ



ନୟାଗଡ଼,୬ ।୩(ସମିସ): ନୟାଗଡ଼ ଇନଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ମହିଳା ଦିବସ ଉଦଘାଟିତ ହୋଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ପୌରାଧକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାପାଳ ରଥ ଯୋଗର ଉପକାରିତା ବିଷୟରେ ଅଂଶଗ୍ରହଣକାରୀଙ୍କୁ କହିଥିଲେ। ଯୋଗ ପ୍ରଶିକ୍ଷଣ ଦେବାକୁ ୩ ଜଣ ପ୍ରଶିକ୍ଷିକା ଦୀପ୍ତିମୟୀ ଜେନା, ସୁସ୍ମିତା ଦାଶ ଓ ସଙ୍ଗୀତା ନାୟକ ଯୋଗଦେଇଥିଲେ। ଜୁମ୍ବା କାର୍ଯ୍ୟକ୍ରମରେ ମହିଳାମାନେ ଭାଗ ନେଇ ଖୁସି ପ୍ରକଟ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ନୟାଗଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ।

## ଜେଲ୍ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୬ ।୩(ସମିସ): ଭୁବନେଶ୍ୱରରେ ରହୁଥିବା ଜେଲ୍ ୱାର୍ଡର ସାରଥୀ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଫ୍ୟାନ୍ରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। ସାରଥୀ ନୟାଗଡ ସବ୍ ଜେଲରେ ଜେଲ ୱାର୍ଡର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବୟସ ୪୦। ଘର ଗଜପତି ଜିଲ୍ଲା ଆର୍ ଉଦୟଗିରି ଅଞ୍ଚଳରେ ହୋଇଥିଲା ବେଳେ ପରିବାର ସହ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜେଲ୍ କ୍ୱାର୍ଟର୍ସରେ ରହୁଥିଲେ। ପାରିବାରିକ କଳହ ଯୋଗୁଁ ଏଭଳି ଘଟିଥିବା ପୁଲିସ ଅନୁମାନ କରୁଛି। ପୁଲିସ ସୂଚନା ମୁତାବକ ସେ ଛୁଟିରେ ଘରକୁ ଆସିଥିଲେ। ଜେଲ କ୍ୱାର୍ଟର୍ସରେ ତାଙ୍କ ପତ୍ନୀ, ପୁଅ, ଝିଅ ଏବଂ ଝିଆରି ରହୁଥିଲେ। ଗୁରୁବାର ରାତିରେ ସେମାନେ ଶୋଇଥିଲେ। ସକାଳୁ ଘରେ ଅନ୍ୟ ଏକ ରୁମ୍ରେ ଧୋତିକୁ ଫାଶ କରି ଝୁଲି ପଡ଼ିଥିଲେ। ପିଲାମାନେ ପତ୍ନୀକୁ ଏସମ୍ପର୍କରେ ଜଣାଇବା ପରେ ପୁଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



## ଏଚ୍ପିଭି ଜରାୟୁ ଗ୍ରୀବା ଟିକାକରଣ



ଶରଣକୁଳ,୬ ।୩(ସମିସ): ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଶରଣକୁଳ ଓ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୧୪ ବର୍ଷର କିଶୋରୀ ଝିଅଙ୍କୁ ଜରାୟୁଗ୍ରୀବା ଟିକାକରଣ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ତାପସ ରଞ୍ଜନ ସେନାପତିଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା ଏହି ଟିକାକରଣ କାର୍ଯ୍ୟକ୍ରମରେ ଡା. ଅଭିଳାଷ ସାହୁଙ୍କ ସହ ବିକାଶ ମଞ୍ଚ ସଭ୍ୟ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତିରେ ଟିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ସରୋଜ ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ରଶ୍ମିରାଣୀ ସାହୁ, ବବିତା ସାହୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୂଜା ମାଝୀ ସହଯୋଗ କରିଥିଲେ। ଡାକ୍ତର ଅଭିଳାଷ ସାହୁ ଓ କୃଷ୍ଣଚନ୍ଦ୍ର ମହାପାତ୍ର ଟିକା ଗ୍ରହଣ ପାଇଁ ଆସିଥିବା ୧୪ ବର୍ଷର କିଶୋରୀ ଓ ସେମାନଙ୍କ ବାପା, ମାଆଙ୍କୁ ଏହି ଜରାୟୁଗ୍ରୀବା ଟିକାକରଣର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ୧୪ ବର୍ଷର କିଶୋରୀଟିଏ ମାତ୍ର ଗୋଟିଏ ଟିକା ନେବ ଯାହା ଫଳରେ ସେମାନଙ୍କ ଆଗାମୀ ଜରାୟୁ କର୍କଟ ଓ ଅନ୍ୟାନ୍ୟ ରୋଗର କୌଣସି ଆଶଙ୍କା ରହିବ ନାହିଁ। ଏହି ଟିକାର କୌଣସି ପାଶ୍ୱର୍ ପ୍ରତିକ୍ରିୟା ମଧ୍ୟ ନାହିଁ ବୋଲି ଉପସ୍ଥିତ ସମସ୍ତ ଲୋକଙ୍କୁ ସଚେତନତା କରିଥିଲେ। ପ୍ରଥମ ଦିନରେ ମୋଟ ୩୮ କିଶୋରୀଙ୍କୁ ଟିକା ପ୍ରଦାନ କରାଯାଇଛି।

### ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ ପ୍ରାଥମିକ ଛାତ୍ରଛାତ୍ରୀ

# ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ଜୋରଦାର ବିରୋଧ

ଗଣିଆ,୬ ।୩(ସମିସ)

ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ଫେବୃଆରୀ ୩ ତାରିଖ ଶୌଚ ପାଇଁ ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ବେଳେ ଆଉ ଫେରି ନ ଥିଲେ। ପରଦିନ ସକାଳେ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଅକୁ କେହି ହତ୍ୟାକରି କୂଅରେ ପକାଇ ଦେଇଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତାରୋକ କରିବା ସହ ନ୍ୟାୟ ଦାବି କରିଥିଲେ। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେହିଦିନଠାରୁ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଛି। ଭୋଳାନାଥଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବେ ନାହିଁ ବୋଲି ସେମାନେ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ୬ ତାରିଖରୁ ମୌଖିକ ପରୀକ୍ଷା ଆରମ୍ଭ ହୋଇଥିବାରୁ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାରଠାରୁ ପରୀକ୍ଷା କରିବା ପାଇଁ ଚିଠି କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ସହ ପରୀକ୍ଷା ଦେବାକୁ ଆସିଥିବା ବେଳେ ମୃତ ଛାତ୍ରଙ୍କ ପରିବାର ଲୋକେ ଆସି ବିରୋଧ କରିଥିଲେ। କିଛି ସମୟ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ଗଣ୍ଡଗୋଳ ହୋଇଥିଲା। ଘଟଣାସ୍ଥଳରେ ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଅପରାହ୍ନରେ ବେଲପଡ଼ାପାଟଣା ଗ୍ରାମର ପ୍ରାୟ ୨ ଶହରୁ ଅଧିକ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଗ୍ରାମରୁ ଶୋଭାଯାତ୍ରା କରି ଗଣିଆ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି ଯେ ସେମାନଙ୍କ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଥିବାରୁ ତୁରନ୍ତ ଉକ୍ତ ବିଦ୍ୟାଳୟ ଖୋଲି ପରୀକ୍ଷା କରାଯାଉ। ଗ୍ରାମର ପୂଜକ ପ୍ରଭାସ କୁମାର ପଣ୍ଡାଙ୍କୁ ମୃତ ଛାତ୍ରଙ୍କ ପରିବାର ଲୋକେ ଆକ୍ରମଣ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନ ଶୁଣିବା ସହ ଗଣିଆ ମୁଖ୍ୟ ବଜାରରେ ରାସ୍ତାରୋକ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୋକ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ କାହିଁକି ସମାଧାନ କରିପାରୁ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଥାନା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଛି।

### ବିଦ୍ୟାଳୟ ଖୋଲିବା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



# ଭୂଷଣ୍ଡପୁରରେ ତିନିଦିନିଆ ଦୋଳ ଉତ୍ସବ

ଭୂଷଣ୍ଡପୁର, ୬।୩(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ଚିଲିକା ସନିକଟ ଭୂଷଣ୍ଡପୁର, ବାଲିପାଟପୁର ଠାରେ ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଦୋଳ ପର୍ବ ଉଦଯାପିତ ହୋଇଛି । ଉଭୟ ପଂଚାୟତର କେନ୍ଦ୍ରସ୍ଥଳ ଦୋଳପଡିଆ ଠାରେ ମହାପ୍ରଭୁ ପତିତପାବନ ଏବଂ ଐଶ୍ୱାନେଶ୍ୱର ଦେବ ବିରାଜମାନ କରିସାରିବା ପରେ ବିଧି ଅନୁଯାୟୀ ଆତସବାଜି ପ୍ରତିଯୋଗିତା ହୋଇଥିଲା । ପରେ ହୋଲି ଅବସରରେ ଦୋଳପଡ଼ିଆ ଠାରେ ନୃତ୍ୟଶୀ ଏକାଡେମୀ ଦ୍ୱାରା ଓଡିଶୀ ନୃତ୍ୟ, ଛାଉ ଓ ଚମ୍ପୁ ପରିବେଷଣ କରାଯାଇଥିଲା । ଶେଷଦିନ ଡ୍ୟାନ୍ସ ଏକାଡେମୀ



ନିରାକାରପୁର ର କଳାକାରମାନଙ୍କ ଦ୍ୱାରା ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ସଭାରେ ଆଇନଜୀବୀ ଅନିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଫାର୍ମାସିଷ୍ଟ ଶକ୍ତିକାନ୍ତ ତରାଇ, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ଉମାକାନ୍ତ ବେହେରା, ରଣଜିତ କୁମାର ନାୟକ, ଗୋଲଖ ବିହାରୀ ପଟନାୟକ, ବିରଂଚି ନାରାୟଣ ପ୍ରଧାନ, ମୁଳକ ସମ୍ପାଦକ ସୁଶାନ୍ତ ମାଲିକ ଜଗନାଥ ବେହେରା, ଉପସଭାପତି ଉଲ୍ଲାସ ବେହେରା, ଯୁବ ସାମ୍ବାଦିକ ରଞ୍ଜନ କୁମାର ସାହୁ, ବିରାଟ ମହାରଣା, ମତ୍ସ୍ୟଜୀବୀ ସଭ୍ୟ ଅଜୟ ବେହେରା ଏବଂ ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ବାବା ଲୋକେଶ୍ୱରଙ୍କ ପୀଠରେ ଜମୁଛି ଫୁଲଦୋଳ ମେଳଣ

ଖୋର୍ଦ୍ଧା, ୬।୩(ସମିସ): ଫଗୁ ଦଶମୀ ଠାରୁ ଥାନାପତି ଓ ମଦନମୋହନ ଦୋଳ ବିମାନରେ ବୁଲି ଭୋଗ ଖାଇବା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳପର୍ବ ଏବଂ

## ୬୫ ପିଣ୍ଡିରେ ଦୋଳ ବିମାନ ବିରାଜମାନ

ମେଳଣମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ଖୋର୍ଦ୍ଧା ସହର ଉପକଣ୍ଠ ବାବା ଲୋକେଶ୍ୱର ଦେବଙ୍କ ପୀଠ ଚଳଚଂଚଳ ହେବାରେ ଲାଗିଛି । ଗୁରୁବାର ମଧ୍ୟ ରାତ୍ରିରୁ ଥାନାପତିଭାବେ ଲୋକେଶ୍ୱରଦେବଃ ବେଶ ଜାକଜମକରେ ବାଜା, ରୋଷଣୀ, ଆତସବାଜି, ସଂକୀର୍ତ୍ତନ ଓ ଘୋଡ଼ାନାଚର ତାଳେ ତାଳେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଙ୍କ ଗହଣରେ ରାତ୍ରିର ନିରବତାକୁ ଭଙ୍ଗ କରି ମେଳଣ ପଡ଼ିଆକୁ ଆଗମନ କରିବା ପରେ ପାଖପଡ଼ୋଶୀ ଗ୍ରାମ ଦେବାଦେବୀ ପଲ୍ଲାହାଟର ଆଖଣ୍ଡଳମଣୀ, ଲୋକେଶ୍ୱରପୁରର ମଦନମୋହନ ଦେବ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡ଼ିର ଲକ୍ଷ୍ମୀନାରାୟଣ, ଦୁର୍ଗାପୁରର ରାଧାମୋହନ, ଜଟଣୀ ବଡ଼ତୋଟାର ରାଧାଗୋବିନ୍ଦ ଓ ଚନ୍ଦ୍ରଶେଖର, ବଣିଆଟାଙ୍ଗି ନଟବରଚନ୍ଦ୍ର, ସାମନ୍ତରାପୁର ସ୍ୱପ୍ନେଶ୍ୱର, ସିଆଳିଆର ମଦନମୋହନ, ଟାଙ୍ଗିଆପଡ଼ାର କେଦାରେଶ୍ୱର, ପାଟପୁରର ରାଧାକୃଷ୍ଣ, ଜରିପୁଟର ରଘୁନାଥ ଓ ଗୋପିନାଥଦେବ ପ୍ରମୁଖ ପ୍ରାୟ ପ୍ରାୟ ୫୦ଖଣ୍ଡ ଗ୍ରାମର ୬୫ଟି ଦୋଳ ସୁସଜ୍ଜିତ ଦୋଳ ବିମାନରେ ମେଳନ ପଡ଼ିଆରେ ଏକତ୍ରିତ ହୋଇଥାନ୍ତି ।



ଏହି ମେଳନ ଯାତ୍ରାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଚଳିତ ବର୍ଷ ୩ଦିନ ବ୍ୟାପୀ ଭଜନ ସମାରୋହ, ନାମ ସଂକୀର୍ତ୍ତନ, ପାରମ୍ପରିକ ନାଟକ ପରିବେଷଣ କରାଯିବ ବୋଲି ଶ୍ରୀ ଶ୍ରୀ ଲୋକେଶ୍ୱର ଦେବଃ ପରିଚାଳନା କମିଟି ପକ୍ଷରୁ ଜଣାଯାଇଛି । ୮ ତାରିଖରେ ହରିହର ଭେଟ, ଫଗୁ ଖେଳ ପରେ ଠାକୁର ମାନେ ପ୍ରତ୍ୟାବର୍ତ୍ତନ କରିବେ ।

ସେହିପରି ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀ ଏଠାରେ ତାଙ୍କର ପସରା ମେଲାଇଥିବାବେଳେ ଦୋକାନ ଗୁଡ଼ିକରେ ଲୋକଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଛି । ମେଳନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ ପାଇଁ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟିର ଆବାହକ ବିଜୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ମେଳଣ ବହୁ ବର୍ଷର ହୋଇଥିବାବେଳେ ମଝିରେ ଏହା ବନ୍ଦ ହୋଇଯାଇଥିଲା । ମାତ୍ର ଶ୍ରୀ ପ୍ରଧାନ ଓ ପଲା, ଲୋକେଶ୍ୱରପୁର, ଭାଲିଆବାଡି ଏବଂ ଆଖପାଖ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଏହା ଦୀର୍ଘ ୩୨ବର୍ଷ ହେବ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଗୋଡିପଡାରେ ମଧ୍ୟ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଥାନାପତି ବାଲୁଙ୍କେଶ୍ୱର ଦେବ ପାଟ ପଟୁଆରରେ ପ୍ରଥମେ ଗୋଡିପଡା ମେଳଣ ପଡିଆରେ ଆସନ ଗ୍ରହଣ କରିବା ପରେ ନିମନ୍ତ୍ରିତ ୩୦ରୁ ଉଦ୍ଧ୍ୱର୍ ଦୋଳ ସେମାନଙ୍କର ଆସନରେ ଜଣକ ପରେ ଜଣେ ବିରାଜମାନ କରିଥିଲେ ।

# ଲଡୁକେଶ୍ୱର ଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଯାପିତ

ନିରାକାରପୁର, ୬।୩ (ସମିସ): ଉତ୍କଳୀୟ ପରମ୍ପରା, ଲୋକକଳା ଓ ଭାଇଚାରା ଆଗାମୀ ଦିନଗୁଡ଼ିକରେ ଆଗକୁ ବଢ଼ାଇବାକୁ ମାଧ୍ୟମ ସାଜିଛି ବୋଲି ଆଜି ଲଡୁକେଶ୍ୱର ଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଲେଣ୍ଡୋ ଲଡୁକେଶ୍ୱରଙ୍କ ପୀଠରେ ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ଦ୍ୱାରା ଅନୁଷ୍ଠିତ ତିନି ଦିନିଆ ଏହି ମହୋତ୍ସବର ଉଦ୍‌ଯାପନୀ ଦିବସରେ କମିଟି ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀ ଅଧକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ମହେନ୍ଦ୍ର କୁମାର ବିଶୋଇ ବାର୍ଷିକ ବିବରଣୀ ପାଠ କରିବା ବେଳେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଶିଷ୍ଟ ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିନୋଦିନୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମିତି ସଭ୍ୟ ବିକାଶ ନାୟକ, ରାମେଶ୍ୱର ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଓ ବିଜେଡି ନେତା ପବିତ୍ର ପାଇକରାୟ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ମଞ୍ଚକୁ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ପରିଚାଳନା କରିଥିଲେ ।

**ମଳିପଡ଼ା ପଞ୍ଚୁଦୋଳ :** ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାରେ ପଞ୍ଚୁ ଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି । ଏହି ଅବସରରେ ଯାତ୍ରା କମିଟି ତରଫରୁ ତିନିଦିନ ବ୍ୟାପି ଯାତ୍ରା ଇନ୍ଦ୍ରଭୁବନ ଦର୍ଶକଙ୍କୁ ଯାତ୍ରା ଶେଷ ପଯ୍ୟନ୍ତ ବାନ୍ଧି ରଖୁଛି । ଯାନୀ ଯାତ୍ରା, ବିଭିନ୍ନ ପସରା ମେଳଣ ପଡିଆକୁ ସୁନ୍ଦର ମଣ୍ଡିତ କରୁଛି । ହରିହର ମେଳଣରେ



ମୁଖ୍ୟ ଠାକୁର ହେଲେ ମଳିପଡ଼ା ବଡ଼ମଠର ବଳଦେବଜୀଉ । ଏହି ମେଳଣରେ ପାଖଆଖ ଅଞ୍ଚଳ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା । ମଳିପଡା ଯାତ୍ରା କମିଟି ସଭ୍ୟ ମାନେ ଏହାକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି ।

# ରାଜ୍ୟସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ, ୬।୩ (ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମର ତଳସାହିର ଭାଗବତ ଦେବଙ୍କ ପୀଠରେ ତିନି ଦିନ ଧରି ଚାଲିଥିବା ୨୩ ତମ ରାଜ୍ୟ ସ୍ତରୀୟ ଓଡିଶୀ ସଂକୀର୍ତ୍ତନ ମହୋତ୍ସବଉଦଯାପିତହୋଇଛି ।ବୈଦିକରୀତିନୀତିଅନୁଯାଇଯାଜ୍ଞିକ ବ୍ରାହ୍ମଣ ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ କାହ୍ନୁ ଚରଣ ମହାପାତ୍ର କର୍ତ୍ତା ଭାବେ ଉପସ୍ଥିତ ରହି ବାଲୁଙ୍କେଶ୍ୱର ଦେବ, ଗୋପୀନାଥ ଦେବ ରାଧାକାନ୍ତ ଦେବ ଓ ମା ଡାହାଳିଆଣି ଦେବୀଙ୍କୁ ହରିବୋଲ ହୁଳହୁଳି ଘଣ୍ଟାଘଣ୍ଟ ଧ୍ୱନିରେ ପ୍ରକମ୍ପିତ କରି ବିଜେ ହୋଇଥିଲେ । ପରେ ଶ୍ରଦ୍ଧାଳୁ ମାନେ ଏକତ୍ରିତ ହୋଇ ବଡଜୋରରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରାଯାଇ ଦେବଦେବୀଙ୍କ ବିଜେ ସ୍ଥଳୀରେ ସ୍ଥାପନ ହୋଇଥିଲା । ପରେ ଭୋଗଡ଼ା ଗୋପୀନାଥ ଦେବ ସଙ୍କୀର୍ତ୍ତନ ମଣ୍ଡଳୀ, ପୁରୀ ଚନ୍ଦନପୁର ଗାୟକ ଉପେନ୍ଦ୍ର କୁମାର ସ୍ୱାଇଁ, ଭୋଗଡ଼ା ଗାୟକ ଗଣେଶ୍ୱର ନିଶଙ୍କ, ନୟାଗଡ଼ ଗୋଡିସାହି ଗାୟକ ସୁଧାଂଶୁ କୁମାର ଲେଙ୍କା, ଗମ୍ଭାରିଖୋଲ ଗାୟିକା ରଞ୍ଜିତା ପରିଡ଼ା, ପାଣିଭଣ୍ଡାର ଗାୟକ ଚନ୍ଦ୍ରମଣି ମାଝୀ ଓ ଖୋର୍ଦ୍ଧା ଅସରଳା ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ତତ୍ ସହିତ ଶୁକ୍ରବାର ଦିନ ସନ୍ଧ୍ୟାରେ ନୟାଗଡ, ଗୋତ୍ରିଡ଼ା ଯାତ୍ରା ବାହୁବଳୀ କଳାକାର



ମାନଙ୍କ ଦ୍ୱାରା ହଜିଗଲା ମୋର ପୁନେଇ ଜହ୍ନ ପୌରାଣିକ ନାଟକ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଯୁଗଳ କିଶୋର ପ୍ରଧାନ, ସମ୍ପାଦକ ମାନସ ମହାପାତ୍ର, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ମହାପାତ୍ର, ସଦସ୍ୟ ପୁର୍ଣ୍ଣଚନ୍ଦ୍ର ଜେନା, ଗୟାଧର ଜେନା, ନିତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ର କୁମାର ମହାପାତ୍ର, କୈଳାସ ମହାପାତ୍ର, ବିପିନ ପ୍ରଧାନ, ପଦ୍ମ ଚରଣ ମହାପାତ୍ର, ନୀଳକଣ୍ଠ ଜେନା, ଜଗନ୍ନାଥ ଶ୍ରୀଚନ୍ଦନ, ଶରତ ଚନ୍ଦ୍ର ମାଝୀ, ନୀଳକଣ୍ଠ ପରିଡା, କାହ୍ନୁଚରଣ ମହାପାତ୍ର ହେମନ୍ତ ଦାସ, ମଧୁସୁଦନ ମହାପାତ୍ର ଓ ଶରତଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ବିରି ଫସଲ ଉଜାଡ଼ିଲା ବାର୍ହା

ବେଗୁନିଆ, ୬।୩ (ସମିସ): ବର୍ତ୍ତମାନ ରବି ଫସଲ ଅମଳ ଆରମ୍ଭ ହେଉଥିବା ବେଳେ ଜଙ୍ଗଲୀ ବାର୍ହା ରାତ୍ରରେ ଖାଦ୍ୟ ଅନ୍ୱେଷଣରେ ଆସି ଏକ ଏକର ଜମିରେ ଗଦା ହୋଇ ପଡିଥିବା ବିରି ଫସଲ ନଷ୍ଟ କରିଛି । ଚାଷୀ ଜଣକ ହେଉଛନ୍ତି ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡା ତଳସାହିର ଚାଷୀ ଗଣେଶ୍ୱର ମହାପାତ୍ର । ଶୁକ୍ରବାର ଦିନ ସକାଳୁ ଜମିରେ ବାରାହା ଦ୍ୱାରା ନଷ୍ଟ ହୋଇଥିବା ବିରି ଦେଖି ମନସ୍ତାପରେ ପ୍ରଶାସନ ପକ୍ଷରୁ କ୍ଷତି ପୂରଣ ପାଇବା ପାଇଁ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀଙ୍କୁ ଯୋଗାଯୋଗରେ "ଅନୁକମ୍ପା' ଆପରେ ଦରଖାସ୍ତ କରିବା ପାଇଁ ସୂଚନା ଦେଇଛନ୍ତି ।

# ୩୫ ଟନ୍ କେମିକାଲ ବୋଝେଇ ଟ୍ରକ୍ ଉଦ୍ଧାର, ଚାଳକ କୋର୍ଟ ଚାଲାଣ

ବେଗୁନିଆ, ୬।୩ (ସମିସ): ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଶିଳ୍ପାଞ୍ଚଳ ପରିସରରେ ଚକାଡୋଲା ଏଣ୍ଟର ପ୍ରାଇଜେସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ୩୫ ଟନ୍ ଅର୍ଥାତ୍ ୧୨ ଲକ୍ଷ ୩୪ ହଜାରରୁ ଅଧିକ ଟଙ୍କାର କେମିକାଲକୁ ରାୟଗଡ଼ା ଜିନ୍ଦଲ ଷ୍ଟିଲ କମ୍ପାନୀକୁ ଗତ ଜାନୁଆରୀ ମାସ ୧୪ ରିଖ ଅପରାହ୍ନରେ କଳିଙ୍ଗ ଟ୍ରାନ୍ସପୋର୍ଟ କମ୍ପାନୀର ଟ୍ରକ୍ ଚାଳକ ନେଇ ଯାଇଥିଲେ । ତେବେ ଟ୍ରକ୍ ଚାଳକ ବାଟରେ ଗାଡ଼ି ଖରାପ ହୋଇ ଯାଇଥିବାର ବାହାନା କରି ମରାମତି ପାଇଁ ଫୋନ୍ ପେ ଯୋଗେ ଅର୍ଥ ରାଶି କଳିଙ୍ଗ ଟ୍ରାନସପୋର୍ଟ କମ୍ପାନୀକୁ ଅର୍ଥ ଦେବାକୁ ଅନୁରୋଧ କରିଥିଲେ । ତେବେ ଚାଳକ ଆବଶ୍ୟକ ମୁତାବକ ଅର୍ଥ ପାଇ ଫୋନ୍ ବନ୍ଦ କରି ଦେଇଥିଲେ । ସଂପୃକ୍ତ କମ୍ପାନୀର ପ୍ରୋପାଇଟର ସୀତାକାନ୍ତ ନାୟକ ସନ୍ଦେହ ଘେରରେ ରହି ବାଘମାରି ଥାନାରେ ୨୧ ତାରିଖ ସନ୍ଧ୍ୟା ସମୟରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ପକ୍ଷରୁ ଏକ କେସ ରୁଜୁ ସହ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିଲା । ପରେ ସିସିଟିଭି ଯାଞ୍ଚ କରିବା ଓ ମୋବାଇଲ କଲ ରେକର୍ଡ ସହ ଅନ୍ୟ ମାଧ୍ୟମରୁ ତଥ୍ୟ ସଂଗ୍ରହ କରି କଟକ ଜିଲ୍ଲା ନରସିଂହପୁର ଥାନା କାକୁଡିଆ ନିକଟରୁ ଟ୍ରକ୍ ଉଦ୍ଧାର କରିବା ସହ ଚାଳକକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ଚାଳକ ଜଣକ ହେଉଛି କଟକ ଜିଲ୍ଲା ଚୌଦ୍ୱାର ଥାନା ବାଣୀପଡ଼ା ଗ୍ରାମର ଅକ୍ଷୟ ଚରଣ ସ୍ୱାଇଁଙ୍କ ପୁଅ ଶୁଭ୍ରାଂଶୁ ରଂଜନ ଓରଫ ବିଣ୍ଟୁ (୨୮) ।

# ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ଖୋର୍ଦ୍ଧା, ୬।୩(ସମିସ): ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ପ୍ରଥମ ଥର ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ଥାନୀୟ ବିଜେବି ହାଇସ୍କୁଲ ପୁରାତନ ଛାତ୍ରାବାସ ଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଆଭାସୀ ମାଧ୍ୟମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ନୂତନ ଥାନା ପରିସରରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂହ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରଞ୍ଜନ ମଙ୍ଗରାଜ, ବରିଷ୍ଠ ସାମ୍ବାଦିକ ଈଶ୍ୱର ଚନ୍ଦ୍ର ମଙ୍ଗରାଜଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ

ବାଣପୁର, ୬।୩ (ସମିସ) : ବାଣପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଗୁରୁବାର ସକାଳେ ପ୍ରଥମେ ବାଣପୁର ଏନଏସି ନଗରପାଳ ମିଟୁ ନାୟକଙ୍କ ନେତୃତ୍ୱରେ ବାଣପୁର ଏନଏସିର ବିଜୁ ଜନତା ଦଳର ବହୁ କର୍ମକର୍ତ୍ତା ସାମିଲ ହୋଇ ଡାକ୍ତରଖାନା ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଡାକ୍ତରଖାନାରେ ରୋଗୀ ମାନଙ୍କୁ ନଗରପାଳ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି ଅବସରରେ ନଗରପାଳ ମିଟୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନଏସି ଉପାଧ୍ୟକ୍ଷ, କାଉନସିଲରଙ୍କ ସମେତ ବାଣପୁର ଅଞ୍ଚଳର ବହୁ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ବିଜୁ ପ୍ରେମି, ମାନେ ସାମିଲ ହୋଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଗୁଣଗାନ କରିଥିଲେ ।

# ୨୬ ଲକ୍ଷ ଋଣ ଟଙ୍କା ହଡ଼ପ, ଫାଇନାନ୍ସ କର୍ମଚାରୀ ଗିରଫ

ବାଲୁଗାଁ, ୬।୩(ସମିସ) : ବାଲୁଗାଁ ବାଣପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ମାନ ଖୋଲି ବ୍ୟବସାୟ ଚଲାଇ ଛନ୍ତି । ତେବେ ଅଞ୍ଚଳର ଏପରି ସଂସ୍ଥା ମାନଙ୍କରେ ବାରମ୍ବାର ଟଙ୍କା ହଡପ ଲୁଟ ଭଳି ଘଟଣାମାନ ଘଟୁଥିବାର ବହୁ ନଜିର ରହିଛି । ଏପରି ସ୍ଥଳେ ବାଲୁଗାଁସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ବକେୟା ଋଣ ଅର୍ଥ ଅସୁଲ କରି ଜଣେ କର୍ମଚାରୀ ୨୬ଲକ୍ଷ ଟଙ୍କା ହଡ଼ପ କରି ଫେରାର ହୋଇଯାଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ତଦନ୍ତ କରି ପୁଲିସ ଅଭିଯୁକ୍ତ ଉକ୍ତ ସଂସ୍ଥାର ଜଣେ କର୍ମଚାରୀ ତଥା ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ପେଟାପଲ୍ଲୀ ଗ୍ରାମର ସିଦ୍ଧାର୍ଥ ଦାସକୁ ଗିରଫ କରିଛି । ବାଲୁଗାଁସ୍ଥିତ ଭାରତ ଫାଇନାନ୍ସ ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରୁଥିବା ବେଳେ ସିଦ୍ଧାର୍ଥ ଉକ୍ତ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ କରି ବକେୟା ଋଣ ଅର୍ଥ ସଂଗ୍ରହ କରୁଥିଲେ । ଏପରିସ୍ଥଳେ ଆଦାୟ ହୋଇଥିବା ୨୬ଲକ୍ଷ ଟଙ୍କା ଋଣ ଅର୍ଥ ହଡପ ହୋଇଥିବା ନେଇ କିଛି ମାସ ପୂର୍ବେ ହୋଇଥିବା ଅଡିଟ ବେଳେ ଜଣାପଡ଼ିଥିଲା । ଏହି ଘଟଣା ଜଣାପଡ଼ିବା ପରେ ସିଦ୍ଧାର୍ଥ ଫେରାର ହୋଇଯାଇ ଥିଲେ । ଏ ନେଇ ଉକ୍ତ ସଂସ୍ଥାର ପରିଚାଳକ ସୁଶାନ୍ତ ବେହେରା ଗତ ଜାନୁଆରୀ ମାସ ୫ତାରିଖରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତିକରି ବାଲୁଗାଁ ଥାନା କେସ ନଂ ୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତକୁ ଧରିବା ପାଇଁ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଅନୁସନ୍ଧାନ ଜାରି ରଖିଥିଲେ । ତେବେ ଦୀର୍ଘ ୨ମାସ ପରେ ପୁଲିସ ସଂପୃକ୍ତ ଅଭିଯୁକ୍ତ ସିଦ୍ଧାର୍ଥକୁ ତାଙ୍କ ଗ୍ରାମ ନୟାଗଡ଼ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ହଡ଼ପ ଟଙ୍କା ଆଦାୟ ପାଇଁ ତଦନ୍ତ ଜାରି ରଖିଛି ।

# ଐତିହାସିକ ପଞ୍ଚୁଦୋଳ ଯାତ୍ରା ପ୍ରଶାସନିକ ବୈଠକ, ଶୁଭଖୁଣ୍ଟି ସ୍ଥାପନ

ବାଣପୁର, ୬।୩(ସମିସ) : ଓଡ଼ିଶାର ସୁପ୍ରସିଦ୍ଧ ବାଣପୁର ଐତିହାସିକ ପଞ୍ଚୁଦୋଳ ଯାତ୍ରା ଆସନ୍ତା ମାର୍ଚ୍ଚ ମାସ ୮ ତାରିଖ ରାତ୍ରରେ ୧୬୪ ଦେବଦେବୀ ଦୋଳ ବିମାନରେ ପାଟ ପଟୁଆରରେ ପଲଟଣ ପଡିଆକୁ ଆଗମନ କରିବାକୁ ଥିବା ବେଳେ ୯ ତାରିଖର ଅପରାହ୍ନରେ ଦେବାଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ମହାଆଡମ୍ବର ସହ ପାଳନ ସହ ଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବାଣପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ବାଲୁଗାଁ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, ବାଣପୁର ଅତିରିକ୍ତ ତହସିଲଦାର ସୁକନ୍ୟା ରାଉଳଙ୍କ ସମେତ ବାଣପୁର, ବାଲୁଗାଁ ଓ ନାଚୁଣୀ ଥାନାଧିକାରୀ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ଅଗ୍ନିଶମ ଆଦି ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ପଞ୍ଚୁଦୋଳ ଯାତ୍ରା କମିଟିର କର୍ମକର୍ତ୍ତା ସାମିଲ ହୋଇ ଆଇନ ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଦେବା-ଦେବୀମାନଙ୍କ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳାର ସହ ଆଗମନ, ନିରବଛିନ୍ନ ବିଦ୍ୟୁତ ସେବା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା, ଶ୍ରଦ୍ଧାଳୁ ମାନଙ୍କ ନିରାପତ୍ତା ବ୍ୟବସ୍ଥା, ପରିଷ୍କାର ଓ ପରିଚ୍ଛନ୍ନତା ଆଦି ସମସ୍ତ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପଞ୍ଚୁଦୋଳ ଯାତ୍ରାକୁ ଚଳିତ ବର୍ଷ ପାଳନ କରିବା ପାଇଁ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

# ପ୍ରାଣନାଥ ବିଶ୍ୱବିଦ୍ୟାଳୟ ରୂପାୟନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୬।୩ (ସମିସ): ରାଜ୍ୟର ପ୍ରାଚୀନ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ ପ୍ରାଣନାଥ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମୈତ୍ରୀ ଭବନ ପରିସରରେ ଅନୁଷ୍ଠିତ ହୋଇଛି । ପରିଚାଳନା ସମିତିର ସଭାପତି ତଥା ପ୍ରାକ୍ତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଅଧ୍ୟକ୍ଷା ଡ଼. ବିନ୍ଦୁଶ୍ରୀ ମିଶ୍ରଙ୍କ ଆବାହକତ୍ୱରେ ବୈଠକ କରାଯାଇଥିଲା । ଅଧ୍ୟକ୍ଷା ଡ଼. ମିଶ୍ର କଲେଜର ବର୍ତ୍ତମାନ ସ୍ଥିତି ଓ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ମିତ୍ର ବିଗତ ୨୫ବର୍ଷ ଧରି ବିଶ୍ୱବିଦ୍ୟାଳୟ ପାଇଁ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଓ ପ୍ରସ୍ତୁତି ଓ ପ୍ରଗତିର ଧାରାବାହିକ ବିବରଣୀ ଉପସ୍ଥାପନ କରି ସରକାର ଯଥାଶୀଘ୍ର ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ କରିବା ପାଇଁ ଦୃଢ଼ ଦାବି କରିଥିଲେ । ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ୧୯୬୦ ମସିହାରେ ଜାତୀୟ ପ୍ରାଦେଶିକ ନେତୃବର୍ଗଙ୍କୁ ନେଇ କିପରି ବିଶ୍ୱବିଦ୍ୟାଳୟ ହୋଇପାରିବ ତାହାର ଏକ ଚିଠା ସମ୍ପର୍କରେ ପରିଚାଳନା ସମିତିର ସଦସ୍ୟ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଚୌଧୁରୀ ପ୍ରତାପ କୁମାର ଦାସ ଓ ଡ଼. ସୁବାସ ଚନ୍ଦ୍ର କୁମାର ବିଶ୍ୱ ବିଦ୍ୟାଳୟ ଗଠନର ସମସ୍ୟା ଓ ସମାଧାନର ପନ୍ଥା ବ୍ୟକ୍ତ କରିଥିଲେ । ଏହି ସଭାରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଶେଷରେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା ଦଳମତ ନିର୍ବିଶେଷରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ସ୍ଥାନୀୟ ଜୟୀରାଜଗୁରୁ ଭବନରେ ଏକ ଆଲୋଚନା ସଭା କରାଯିବ । ସଭାରେ ଯୋଗ ଦେବା ପାଇ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ନିମନ୍ତ୍ରଣ କରାଯିବ । ସରକାର ଏହି ନ୍ୟାର୍ଯ୍ୟ ଦାବି ନ ଶୁଣିଲେ ସହରରେ ୮ ଘଂଟା ବନ୍ଦ ପାଳନ କରାଯିବ । ଏହି ଜନ ଆନ୍ଦୋଳନକୁ ସକ୍ରୀୟ କରିବା ପାଇଁ ପ୍ରାକ୍ତନ ଛାତ୍ର ସଂସଦର ସମ୍ପାଦକ ଦେବ ପ୍ରସାଦ ମଜୁମ୍‌ଦାର ନିବେଦନ କରିଥିଲେ । ଯୁଗ୍ମ ସମ୍ପାଦକ ଗୋପାଳକୃଷ୍ଣ ଦାସ ସ୍ୱରଚିତ ବିଶ୍ୱବିଦ୍ୟାଳୟର ରୂପାୟନ ପୁସ୍ତିକାରେ ଥିବା ତଥ୍ୟାବଳୀ ସମ୍ପର୍କରେ କହିଥିଲେ । ଏହି ସଭାରେ ଆଇ.କ୍ୟୁ ଏସିର ସଂଯୋଜକ ଡ. ସୁନୀଲ ପଟ୍ଟନାୟକ ମହାବିଦ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, ବିଭାଗୀୟ ମୁଖ୍ୟ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ ।

# ଖୋର୍ଦ୍ଧା ଜିଲ୍ଲା ପରିଷଦର ତୃତୀୟ ଷ୍ଟାଣ୍ଡିଂ କମିଟି ବୈଠକ

ଖୋର୍ଦ୍ଧା, ୬।୩(ସମିସ): ଜିଲ୍ଲା ପରିଷଦ ସଭାଗୃହରେ ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାପରିଷଦର ତୃତୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି । କମିଟିର ଅଧ୍ୟକ୍ଷ ତଥା ଉପ ସଭାପତି ଜିଲ୍ଲାପରିଷଦ ଗୋପିନାଥ ମହାରଣା ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବୈଠକରେ ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ ବିଭାଗ, ପାନୀୟଜଳ ଯୋଗାଣ, ଉଠାଜଳସେଚନ, ଜଳସେଚନ, ବିଦ୍ୟୁତ ବିଭାଗ ପ୍ରଭୃତି ଉପରେ ଆଲୋଚନା କରାଯାଇଥିଲା । ତେବେ କ୍ଷୁଦ୍ର ଜଳସେଚନ ବିଭାଗ ଜିଲ୍ଲାର ବିଭିନ୍ନ ବ୍ଲକରେ ହେବାକୁ ଥିବା ଚେକ୍ ଡ୍ୟାମ ବିଷୟରେ ସୂଚନା ଦେବା ସହ ତାର ଅଗ୍ରଗତି ସମ୍ବନ୍ଧରେ ବୈଠକ ରେ ଜଣାଇଥିଲେ । ଜଳସେଚନ ବିଭାଗ ତରଫରୁ ରାଜୁଆ, ଗଙ୍ଗୁଆ, ଦୟା, ଶାଳିଆ ଓ ମଳାଗୁଣି ଜଳସେଚନ କ୍ଷେତ୍ରରେ ଚାଲିଥିବା ଏବଂ ହେବାକୁ ଥିବା ପ୍ରକଳ୍ପ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଆଲୋଚନା କରାଯାଇ ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ



ସୂଚନା ଦିଆଯାଇଥିଲେ ବି କମିଟିର ସଦସ୍ୟମାନେ ବିଭାଗ ଉପରେ ବିଭିନ୍ନ ଅଭିଯୋଗ ନେଇ ବର୍ଷିଥିଲେ । ଜାତୀୟରାଜପଥଠାରୁ କୁହୁଡି ସୋରଣ ରାସ୍ତା, ଚାଷଙ୍ଗରା ଠାରୁ ମଙ୍ଗଳପୁର ରାସ୍ତା, ନିଳାଦ୍ରୀ ପଣସଡିହରାସ୍ତା, ବ୍ରଜସୁନ୍ଦରପୁର ଠାରୁ କୋଲୁଆ ରାସ୍ତା, ବେଗୁନିଆ ଠାରୁ ମାଟିବନ୍ଧ ରାସ୍ତା ପ୍ରଭୃତି ର ମରାମତି ଓ ଏହାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ବିଭାଗ ଅଧିନରେ ନିର୍ମାଣଧିନ ଅନେକ ବ୍ରିଜ କାର୍ଯ୍ୟ ର ବିଳମ୍ବ ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ପୂର୍ତ୍ତ ବିଭାଗ ଉପରେ ଆଲୋଚନା କରାଯାଇ ପତିତପାବନ ଛକଠାରୁ ଟାଙ୍ଗି ରାସ୍ତା, ବାଣପୁର ଭଗବତୀ ମନ୍ଦିର ରାସ୍ତା ଓ ବ୍ରିଜ୍, ପ୍ରତାପ ଭାଟପଡା ରୋଡ, ଆୟତପୁର ଗମ୍ଭାରୀମୁଣ୍ଡା ରାସ୍ତା, ଜଗନ୍ନାଥ ସଡକ ସହ ନିର୍ମାଣ ହେବାକୁଥିବା ଜିଲ୍ଲାରେ ୮ଟି ଓଭରବ୍ରିଜ ଓ ୫ଟି ବାଇପାସ ରାସ୍ତା ବିଷୟରେ ଆଲୋଚନା କରାଯାଇଥିଲା ।

ବିଦ୍ୟୁତ ଯୋଗାଣ ବିଭାଗ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବିନା ଅନୁମତିରେ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ପୋତୁଥିବାରୁ ଅନେକ ସମୟରେ ବହୁ ଅସୁବିଧା ସୃଷ୍ଟି ହେଉଛି ବୋଲି ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ତୁରନ୍ତ ଖରାଦିନ ଆରମ୍ଭ ପୂର୍ବରୁ ପ୍ରସ୍ତାବିତ ନଳକୂପ ଖନନ ପାଇଁ ପାନୀୟଜଳ ବିଭାଗକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସଭ୍ୟ ଅନାଦି ସାହୁ, ମହେଶ୍ୱର ଦାସ, ଗଙ୍ଗାଧର ମଲ୍ଲିକ, ବିଜୟ ଜେନା, ପ୍ରଦୀପ୍ତ ମଙ୍ଗରାଜଙ୍କ ସମେତ ସମସ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀମାନେ ଯୋଗଦେଇଥିଲେ ।

# କନିଷ୍ଠ କିରାଣିଙ୍କ ବିୟୋଗରେ ଶୋକ

ବେଗୁନିଆ, ୬।୩ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହିର ମନ୍ମଥ ପ୍ରକାଶ ବାହୁବଳେନ୍ଦ୍ର (୫୨) ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ସରକାରୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ବରଣ କରିଛନ୍ତି । ବିଗତ ଦିନରେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ କାର୍ଯ୍ୟ କରି ବାଣପୁର ବଦଳି ହୋଇ ଯାଇଥିଲେ । ସେ ଜଣେ ମେଳାପୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ୍ କୁମାର ବେଉରା, ଶିକ୍ଷକ ନେତା ରବୀନ୍ଦ୍ର ନାଥ ନାଥ ସାହୁ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଦସ୍ୟ, ଆତ୍ମୀୟ ସ୍ୱଜନ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କର ସାନଭାଇ ଓମ୍ ପ୍ରକାଶ ଓ ମୃତକଙ୍କ ଏକମାତ୍ର ପୁତ୍ର ଆଶୀର୍ବାଦ ମୁଖାଗ୍ନି ଦେବା ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା ।

# ରାଜ୍ୟସ୍ତରୀୟ ଆଞ୍ଚଳିକ ମହାବୀର ଫୁଟବଲ; କୁମ୍ଭିଲୋ ଫାଇନାଲରେ

ବେଗୁନିଆ, ୬।୩ (ସମିସ): ବୋଲଗଡ଼ ବ୍ଲକ ଗେଡିଆପଲ୍ଲି ପଞ୍ଚାୟତ ଅନ୍ତର୍ଗତ ଶାମୁକପାଟଣା ଗ୍ରାମର ଖେଳ ପଡିଆ ପରିସରରେ ୧୮ ତମ ରାଜ୍ୟସ୍ତରୀୟ ମହାବୀର ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦିନ ଅପରାହ୍ନରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ କୁମ୍ଭିଲୋ ବିବିଜି ଜୁନିୟର ଫୁଟବଲ କ୍ଲବ ଓ ଭୁବନେଶ୍ୱର ବିଶ୍ୱଜିତ୍ ଫୁଟବଲ କ୍ଲବ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରିନଥିଲେ । ପରେ ଟ୍ରାଇବ୍ରେକର ସହାୟତାରେ କୁମ୍ଭିଲୋ ବିବିଜି ଜୁନିୟର ଫୁଟବଲ କ୍ଲବ ୫-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଏହି ଖେଳରେ ପ୍ରଧାନ ଶିକ୍ଷକ ବିରଞ୍ଚି ନାୟକ, ବିପିନ ଦେଉରୀ, ପ୍ରଫୁଲ୍ଲ ଦେଉରୀ ଓ ସୁମନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମ୍ୟାଚ କମିଶନର ଦୟାନ ଖାଁଙ୍କ ତତ୍ତ୍ୱାବଧାନରେ ରେଫରି ଚିତ୍ତରଞ୍ଜନ ପରିଡାଙ୍କ ନେତୃତ୍ୱରେ ଶିବ ଦେଉରୀ ଓ ମଧୁସୂଦନ ନାୟକ ଲାଇନ ମ୍ୟାନ ଭାବେ ରହି ସହାୟତା କରିଥିବା ବେଳେ ଦାଶରଥି ନାହାକ ଧାରାବିବରଣୀ ପ୍ରଦାନ କରିଥିଲେ । ଆସନ୍ତା କାଲି ବଡବେରେଣା ମା ଡୁମଣୀ କ୍ଲବ ଓ ପାଇକିଡିଗିରିଆ ଏଜେ କ୍ଲବ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ହେମନ୍ତ ନାୟକ ସୂଚନା ଦେଇଛନ୍ତି ।

